# ଅନ୍ତର୍ଜାତୀୟ ସାହିତ୍ୟ ମହୋତ୍ସବ 'ଉନ୍ମେଷ' ଉଦ୍‌ଯାପିତ

## ୭୫ଟି କାର୍ଯ୍ୟକ୍ରମରେ ଯୋଗଦେଲେ ୫୭୫ ଲେଖକ




ଭୁବନେଶ୍ୱର,୭।୮(ବ୍ୟୁରୋ): ମଧ୍ୟପ୍ରଦେଶର ଭୋପାଳସ୍ଥିତ ରବୀନ୍ଦ୍ର ଭବନରେ ସାହିତ୍ୟ ଏକାଡେମୀ ଏବଂ କେନ୍ଦ୍ର ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଅନ୍ତର୍ଜାତୀୟ ସାହିତ୍ୟ ମହୋତ୍ସବ 'ଉନ୍ମେଷ' ଉଦ୍‌ଯାପିତ ହୋଇଯାଇଛି। ଗତ ୩ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ଏହି ଉତ୍ସବରେ ୭୫ଟି କାର୍ଯ୍ୟକ୍ରମରେ ଦେଶ ବିଦେଶର ୧୦୦ଟି ଭାଷାର ୫୭୫ରୁ ଊର୍ଦ୍ଧ୍ୱ ଲେଖକ ଲେଖିକା ଯୋଗ ଦେଇଥିଲେ। ବହୁଭାଷୀ କବିତା ଏବଂ ଗଳ୍ପ ପାଠ ସହିତ ଡାକ୍ତରଙ୍କ ସାହିତ୍ୟ, ସମୁଦ୍ର ସାହିତ୍ୟ, ଯନ୍ତ୍ରର ଉତ୍ଥାନ- ଲେଖକହୀନ ସାହିତ୍ୟ, ସୃଜନଶୀଳତା ବୃଦ୍ଧି କରୁଥିବା ଶିକ୍ଷା, ଅନୁବାଦ, ଯୋଗ ସାହିତ୍ୟ, ସାହିତ୍ୟ ଏବଂ ପ୍ରକୃତି, ଇ-ସାହିତ୍ୟ ବିଷୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅନ୍ୟ ଅଧିବେଶନଗୁଡ଼ିକରେ ଭାରତୀୟ କବିତା, ଭାରତୀୟ ଭକ୍ତି ସାହିତ୍ୟ, ଭାରତର ସାଂସ୍କୃତିକ ଐତିହ୍ୟ, ଭାରତୀୟ ନାଟକରେ ଭିନ୍ନ ଧାରା, ବିବିଧତା ମଧ୍ୟରେ ଏକତା, ସିନେମା ଏବଂ ସାହିତ୍ୟ, ବିଦେଶୀ ଭାଷାରେ ଭାରତୀୟ ସାହିତ୍ୟର ପ୍ରଚାର ପ୍ରସାର, ମାତୃଭାଷାର ମହତ୍ତ୍ୱ, ନାରୀବାଦ ଏବଂ ସାହିତ୍ୟ, ଆଦିବାସୀ ସାହିତ୍ୟ ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ବହୁ ପ୍ରତିଷ୍ଠିତ ଲେଖକ, ବିଦ୍ୱାନ, ସାମ୍ବାଦିକ, ଅନୁବାଦକ, ପ୍ରକାଶକ, ସାଂସ୍କୃତିକ କର୍ମୀ, ନାଟ୍ୟକର୍ମୀ, ଚଳଚ୍ଚିତ୍ର ନିର୍ମାତା ଯୋଗ ଦେଇଥିଲେ। ଉତ୍ସବର ବିଭିନ୍ନ କାର୍ଯ୍ୟକ୍ରମରେ ଗୌରହରି ଦାସ, ବିଜୟାନନ୍ଦ ସିଂହ, ବିଜୟ ନାୟକ, ଅମରେନ୍ଦ୍ର ଖଟୁଆ, ଯତୀନ୍ଦ୍ର ନାୟକ, ଶୁଭଶ୍ରୀ ଲେଙ୍କା, ଇତିରାଣୀ ସାମନ୍ତ, ପ୍ରୀତିଧାରା ସାମଲ, ପ୍ରବାସିନୀ ମହାକୁଡ଼ ପ୍ରମୁଖ ଲେଖକ, ଲେଖିକା ଓଡ଼ିଆ ଭାଷାର ପ୍ରତିନିଧିତ୍ୱ କରିଥିଲେ।